## ତୃତୀୟ ଅଧ୍ୟାୟ

# ଭାରତ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ

## (BASIC FEATURES OF INDIAN CONSTITUTION)

୧୯୪୬ ମସିହାରେ ଭାରତର ଅବସ୍ଥା ଅନୁଧ୍ୟାନ କରି କ୍ୟାବିନେଟ ମିଶନର ପ୍ରସ୍ତାବ ଅନୁଯାୟୀ ସମ୍ବିଧାନ ପ୍ରଣୟନ ସଭା (*Constituent Assembly*) ଗଠନ ପାଇଁ ଜୁଲାଇ ମାସରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ୧୯୪୬ ମସିହା ଡିସେମ୍ବର ମାସ ୯ ତାରିଖରୁ ୧୯୪୯ ମସିହା ନଭେମ୍ବର୨୬ ତାରିଖ ପର୍ଯ୍ୟନ୍ତ ସମ୍ବିଧାନ ପ୍ରଣୟନ ସଭା ବସିଥିଲା । ଭାରତର ନୂତନ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ ହୋଇ ଆସୁଅଛି ।

ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ସମୟରେ ସମ୍ବିଧାନ ପ୍ରଣୟନ ସଭା ପୃଥିବୀର ବିଭିନ୍ନ ଦେଶର ସମ୍ବିଧାନକୁ ଅନୁଧ୍ୟାନ କରିଥିଲେ ।

ଭାରତୀୟ ସମ୍ବିଧାନର ଅନେଗୁଡ଼ିଏ ମୌଳିକ ବୈଶିଷ୍ଟ୍ୟ ଅଛି । ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

**ତୁମେ ଜାଣିଛ କି ?**

- ସଚ୍ଚିଦାନନ୍ଦ ସିହ୍ନାଙ୍କ ସଭାପତିତ୍ୱରେ ଏହି ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ଅଧିବେଶନ ଡିସେମ୍ବର ୯, ୧୯୪୬ ମସିହାରେ ବସିଥିଲା ।
- ଏହାର ସ୍ଥାୟୀ ସଭାପତି ଭାବେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ନିର୍ବାଚିତ ହୋଇଥିଲେ ।
- ଡକ୍ଟର ଭୀମ ରାଓ ଆମ୍ବେଦକର ଚିଠା ପ୍ରଣୟନ କମିଟି (*Drafting Committee*)ର ଅଧ୍ୟକ୍ଷ ରୂପେ ନିଯୁକ୍ତି ପାଇଥିଲେ ।
- ସମ୍ବିଧାନ ପ୍ରଣୟନ ସଭା ୨ ବର୍ଷ ୧୧ ମାସ ୧୮ ଦିନ କାର୍ଯ୍ୟ କରି ଭାରତର ସମ୍ବିଧାନ ପ୍ରଣୟନ କରିଥିଲେ ।
- ବ୍ରିଟିଶ ସମ୍ବିଧାନ, ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ, ଜର୍ମାନୀ, କାନାଡା ଓ ଅଷ୍ଟ୍ରେଲିଆର ସମ୍ବିଧାନ, ଭାରତର ସମ୍ବିଧାନକୁ ବିଶେଷ ଭାବେ ପ୍ରଭାବିତ କରିଅଛି ।

### ପ୍ରାକ୍‌କଥନ (Preamble) :

ପ୍ରତ୍ୟେକ ଲିଖିତ ସମ୍ବିଧାନରେ ଏକ ପ୍ରସ୍ତାବନା ଥାଏ। ଏହାକୁ ସମ୍ବିଧାନର ମୁଖବନ୍ଧ ଏବଂ ଜାତକ ବୋଲି କୁହାଯାଇପାରେ । ଏହା ସମ୍ବିଧାନର ଆଭିମୁଖ୍ୟ ପ୍ରକାଶ କରେ ।

ଆମ ସମ୍ବିଧାନର ପ୍ରସ୍ତାବନା ଏହିପରି ଅଟେ:

### ପ୍ରାକ୍‌କଥନ ବା ପ୍ରସ୍ତାବନା :

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

ଭାରତ ଏକ **ସାର୍ବଭୌମ** ରାଷ୍ଟ୍ର ହୋଇଥିବାରୁ ଏହା ଆଭ୍ୟନ୍ତରୀଣ ଏବଂ ବାହ୍ୟ ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ।

**ସମାଜବାଦୀ** ରାଷ୍ଟ୍ର ହୋଇଥିବାରୁ ଦାରିଦ୍ର୍ୟ ଦୂରୀକରଣ ଏହାର ମୂଳଲକ୍ଷ୍ୟ।

ଏକ **ଧର୍ମନିରପେକ୍ଷ** ରାଷ୍ଟ୍ରରେ ରାଷ୍ଟ୍ର ଦୃଷ୍ଟିରେ ସବୁ ଧର୍ମ ସମାନ ।

**ଗଣତାନ୍ତ୍ରିକ ରାଷ୍ଟ୍ର** କହିଲେ ଯେଉଁଠାରେ ଲୋକପ୍ରତିନିଧିମାନଙ୍କ ଜରିଆରେ ଶାସନ ପରିଚାଳନା କରାଯାଏ।

**ସାଧାରଣତନ୍ତ୍ର ରାଷ୍ଟ୍ର** କହିଲେ ଭାରତର ରାଷ୍ଟ୍ରମୁଖ୍ୟ ବଂଶାନୁକ୍ରମିକ ନୀତିରେ ଶାସନ କ୍ଷମତାକୁ ଆସନ୍ତି ନାହିଁ। ସେ ନିର୍ବାଚିତ ହୁଅନ୍ତି।



ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର

ଭାରତୀୟ ସମ୍ବିଧାନ ଚିଠା ପ୍ରଣୟନ କମିଟିର ଡକ୍ଟର ଆମ୍ବେଦକର ଅଧ୍ୟକ୍ଷ ଥିଲେ । ତାଙ୍କୁ ଆଧୁନିକ ଭାରତର ମନୁ ଏବଂ ଭାରତ ସମ୍ବିଧାନର ପିତା କହିଲେ ଅତ୍ୟୁକ୍ତି ହେବନାହିଁ। ସେ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ଉପଖଣ୍ଡରେ ଜନ୍ମଲାଭ କରିଥିଲେ । ସେ ଜାତିରେ ମାହାର ଥିଲେ। ଦଳିତ ଜାତି ମାନଙ୍କର ସାମାଜିକ ଉତ୍‌ଥାନ ପାଇଁ ଆଜୀବନ ସଂଗ୍ରାମ ଚଳାଇଥିଲେ । ତାଙ୍କର ପ୍ରକୃତ ନାମ ଆମ୍ବାଭାଦେକରରୁ ଶ୍ରେଣୀ ଶିକ୍ଷକଙ୍କ ପରାମର୍ଶ କ୍ରମେ ଆମ୍ବେଦକର ହୋଇଥିଲା।

### ତୁମେ ଜାଣିଛ କି ?

- ବିଶିଷ୍ଟ ସମ୍ବିଧାନବିତ୍ ପାଲଖିୱାଲାଙ୍କ ଭାଷାରେ ଏହି ପ୍ରସ୍ତାବନା ସମ୍ବିଧାନର ଏକ 'ପରିଚୟ ପତ୍ର' (*Identity Card*)।
- ୧୯୭୩ ମସିହାରେ କେଶବାନନ୍ଦ ଭାରତୀ ମାମଲାରେ ଭାରତରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରସ୍ତାବନା ସମ୍ବିଧାନର ଏକ ଅଂଶ ବିଶେଷ ବୋଲି ଘୋଷଣା କରିଥିଲେ ।
- ୧୯୫୦ ମସିହାଠାରୁ କାର୍ଯ୍ୟକାରୀ ହୋଇ ଆସୁଥିବା ସମ୍ବିଧାନରେ ପ୍ରଥମ ଥର ପାଇଁ ୧୯୭୬ ମସିହାରେ ୪୨ତମ ସଂଶୋଧନ ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତାବନାରେ ତିନୋଟି ଶବ୍ଦ ଯୋଡ଼ା ଯାଇଅଛି ଯଥା:- 'ସମାଜବାଦୀ' (*Socialist*), 'ଧର୍ମନିରପେକ୍ଷ' (*Secular*) ଏବଂ ସଂହତି (*Integrity*) ।

❖ ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ, ଗଣତନ୍ତ୍ର ଓ ସାଧାରଣତନ୍ତ୍ରର ବିପରୀତ ଶବ୍ଦଗୁଡ଼ିକ ଲେଖ ।
❖ ତୁମ ବିଧାନମଣ୍ଡଳୀ (Constituency)ରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ପ୍ରତିନିଧିଙ୍କର ନାମ କ'ଣ ?

## ଲିଖିତ ସମ୍ବିଧାନ (WRITTEN CONSTITUTION)

ସମ୍ବିଧାନ ପ୍ରଣୟନ ସଭା ୨ ବର୍ଷ ୧୧ମାସ ୧୮ଦିନ ଧରି ବିଭିନ୍ନ ଦେଶର ସମ୍ବିଧାନ ଅଧ୍ୟୟନ କରି ବିଶେଷ ଭାବରେ ବ୍ରିଟିଶ ସରକାରଙ୍କର ଭାରତରେ ରାଜୁତି ସମୟରେ ପ୍ରଣୀତ ୧୯୩୫ ମସିହା ଶାସନ ଖସଡାକୁ ମଧ୍ୟ ବିଶ୍ଳେଷଣ କରି ଭାରତ ପାଇଁ ଏକ ଦୀର୍ଘ ଓ ବୃହତ୍ତମ ସମ୍ବିଧାନ ପ୍ରଣୟନ କରିଥିଲେ। ଏହି ମୂଳ ସମ୍ବିଧାନରେ ୩୯୫ଟି ଧାରା, ୮ଟି ଅନୁସୂଚୀ ଏବଂ ୨୨ଟି ଭାଗ ଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ମାତ୍ର ୭ଟି ଧାରା ଅଛି।

ସମ୍ବିଧାନବିତ୍ ଏମ.ଭି. ପାଇଲି ଭାରତ ସମ୍ବିଧାନର ସ୍ଥୁଳ ଆକାରକୁ ଏକ ହାତୀର ଶରୀର ସହିତ ତୁଳନା କରିଅଛନ୍ତି।

## ନମନୀୟ ଏବଂ ଅନମନୀୟ ସମ୍ବିଧାନର ମିଶ୍ରଣ (MIXTURE OF FLEXIBLE AND RIGID CONSTITUTION)

ଆଗରୁ ବର୍ଣ୍ଣନା କରାଯାଇ ଅଛି ଯେ, ସମ୍ବିଧାନର ସଂଶୋଧନ ପ୍ରଣାଳୀ ଅନୁଯାୟୀ ସମ୍ବିଧାନକୁ ନମନୀୟ ଏବଂ ଅନମନୀୟ ଶ୍ରେଣୀଭୁକ୍ତ କରାଯାଇପାରେ ।

ଭାରତୀୟ ସମ୍ବିଧାନର କେତେଗୁଡ଼ିଏ ଧାରାର ସଂଶୋଧନ ପ୍ରଣାଳୀ ଜଟିଳ ହୋଇଥିବା ବେଳେ ଅନ୍ୟ କେତେଗୁଡ଼ିଏ ଧାରା କେବଳ ସଂସଦର ଉଭୟ ଗୃହରେ ସାଧାରଣ ସଂଖ୍ୟା ଗରିଷ୍ଠତା (Simple Majority) ସମର୍ଥନ ଦ୍ୱାରା ସଂଶୋଧନ କରାଯାଇଥାଏ। ଏହି କାରଣ ସକାଶେ ଭାରତୀୟ ସମ୍ବିଧାନକୁ ନମନୀୟ ଏବଂ ଅନମନୀୟ ସମ୍ବିଧାନର ମିଶ୍ରଣ ବୋଲି କୁହାଯାଏ।

❖ ଯେଉଁ ସମ୍ବିଧାନର ସଂଶୋଧନ ପ୍ରଣାଳୀ ଜଟିଳ ଓ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସାରେ ସଂଶୋଧନ କରାଯାଏ, ତାହାକୁ ଅନମନୀୟ ସମ୍ବିଧାନ କୁହାଯାଏ। ମାତ୍ର ଯେଉଁ ସମ୍ବିଧାନରେ ସାମ୍ବିଧାନିକ ଆଇନ ଏବଂ ସାଧାରଣ ଆଇନର ସଂଶୋଧନ ପ୍ରଣାଳୀରେ କୌଣସି ପାର୍ଥକ୍ୟ ନ ଥାଏ ଏବଂ ଏହାର ସଂଶୋଧନ ପ୍ରଣାଳୀ ସରଳ ଏବଂ ସହଜ ଏହାକୁ ନମନୀୟ ସମ୍ବିଧାନ କୁହାଯାଏ।

## ସଂସଦୀୟ ଶାସନ ବ୍ୟବସ୍ଥା (Parliamentary form of Government)

ସମ୍ବିଧାନର ପ୍ରଣେତାମାନେ ବ୍ରିଟିଶ ସମ୍ବିଧାନର ଅନୁକରଣରେ (ଯଦିଓ ଅବିକଳ ନୁହେଁ) ଭାରତକୁ ଏକ ସଂସଦୀୟ ରାଷ୍ଟ୍ର ରୂପେ ତିଆରି କରିବା ପାଇଁ ଚେଷ୍ଟା କରିଅଛନ୍ତି। ସେଗୁଡ଼ିକ ଏହିପରି:

୧) ଗୋଟିଏ ସଂସଦୀୟ ଶାସନ ବ୍ୟବସ୍ଥାରେ ଦୁଇଜଣ ମୁଖ୍ୟ ଥାଆନ୍ତି, ଜଣେ ନାମକୁ ମାତ୍ର ରାଷ୍ଟ୍ରମୁଖ୍ୟ ହେଲେ, ଅନ୍ୟ ଜଣେ ବାସ୍ତବରେ ସରକାରଙ୍କ ମୁଖ୍ୟ ହୁଅନ୍ତି।

ବ୍ରିଟେନରେ ରାଜା ବା ରାଣୀ ରାଷ୍ଟ୍ର ମୁଖ୍ୟ ହେଲେ ମଧ୍ୟ ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ହୁଅନ୍ତି। ସେହିପରି ଆମ ଭାରତବର୍ଷରେ ଭାରତର ରାଷ୍ଟ୍ରପତି ରାଷ୍ଟ୍ରର ମୁଖ୍ୟ ରହିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଶାସନର ମୁଖ୍ୟ ଅଟନ୍ତି। ରାଷ୍ଟ୍ରମୁଖ୍ୟ ନାମକୁ ମାତ୍ର ମୁଖ୍ୟ ରହିଲେ ପ୍ରକୃତ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୁଏ।



ଭାରତର ପାର୍ଲିଆମେଣ୍ଟ

୨) ଗୋଟିଏ ସଂସଦୀୟ ଶାସନ ବ୍ୟବସ୍ଥାରେ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ହୋଇଥାଏ।

୩) ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ସେମାନଙ୍କର ଶାସନଗତ କାର୍ଯ୍ୟ ପାଇଁ ସଂସଦର ନିମ୍ନ ସଦନ ତଥା ଭାରତର ଲୋକସଭା ନିକଟରେ ଉତ୍ତର ଦାୟୀ ରହିବେ।

୪) ମନ୍ତ୍ରିପରିଷଦର କାର୍ଯ୍ୟକାଳ ନିମ୍ନ ସଦନର ସଂଖ୍ୟା ଗରିଷ୍ଠ ସମର୍ଥନ ଉପରେ ନିର୍ଭର କରେ ।

୫) ସାଧାରଣତଃ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ବାଛନ୍ତି।

ଭାରତର ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ ହୋଇଥିଲେ ମଧ୍ୟ ଭାରତ ଏକ ସଂଘୀୟ ରାଷ୍ଟ୍ର ନୁହେଁ କାହିଁକି ? ଅନ୍ୟମାନଙ୍କ ସହ ଆଲୋଚନା କର।

ଯଦି ଲୋକସଭା ମନ୍ତ୍ରୀପରିଷଦ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣେ ଏବଂ ତାହା ଗୃହୀତ ହୁଏ ତେବେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ ଇସ୍ତଫା ଦେବାକୁ ବାଧ୍ୟ ହୁଅନ୍ତି। ଯଦିଓ ସେମାନଙ୍କ କାର୍ଯ୍ୟକାଳ ସାଧାରଣତଃ ୫ବର୍ଷ, କାର୍ଯ୍ୟକାଳ ନ ପୁରୁଣୁ ସଂସଦର ନିମ୍ନ ସଦନ ଚାହିଁଲେ ସମୟ ପୁରିବା ପୂର୍ବରୁ ଏହାର କାର୍ଯ୍ୟକାଳ ସଂପୂର୍ଣ୍ଣ ହୁଏ। ୧୯୯୦ ନଭେମ୍ବର ୭ ତାରିଖରେ ଭି.ପି.ସିଂହ ସରକାରର ପତନ ଏହି ପ୍ରକ୍ରିୟାରେ ପ୍ରଥମ ଥର ହୋଇଥିଲା ।

## କେନ୍ଦ୍ରାଭିମୁଖୀ ସଂଘୀୟ ବ୍ୟବସ୍ଥା (FEDERAL WITH UNITARY FEATURES)

ଭାରତର ସମ୍ବିଧାନର କୌଣସି ସ୍ଥାନରେ ଭାରତ ଏକ ସଂଘୀୟ ରାଷ୍ଟ୍ର ବୋଲି ଉଲ୍ଲେଖ କରାଯାଇ ନଥିଲେ ମଧ୍ୟ ଭାରତ ଏକ ସଂଘୀୟ ରାଷ୍ଟ୍ର ଅଟେ।

ଗୋଟିଏ ସଂଘୀୟ ରାଷ୍ଟ୍ରରେ ନିମ୍ନଲିଖିତ ଲକ୍ଷଣମାନ ଦେଖିବାକୁ ମିଳେ ।

୧) ଏକ ଲିଖିତ ଅନମନୀୟ ସମ୍ବିଧାନ

୨) ଦ୍ୱୈତ ଶାସନ

୩) କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ

୪) ସ୍ୱାଧୀନ ଏବଂ ନିରପେକ୍ଷ ନ୍ୟାୟାଳୟ

ଭାରତରେ ଉପରଲିଖିତ ବ୍ୟବସ୍ଥାମାନ ପରିଲକ୍ଷିତ ହେଉଥିବାରୁ ଏହା ଏକ ସଂଘୀୟ ରାଷ୍ଟ୍ର ପଦବାଚ୍ୟ ।

କେନ୍ଦ୍ର-ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ହେଉଥିବାରୁ ରାଜ୍ୟମାନଙ୍କର କି ପ୍ରକାର ସୁବିଧା ହେଉଛି । ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଭାରତର ସର୍ବୋଚ୍ଚ ନ୍ୟାୟଳୟର ସର୍ବପ୍ରଥମ ମୁଖ୍ୟ ବିଚାରପତିଙ୍କ ନାମ କଣ? ଏବଂ ବର୍ତ୍ତମାନର ମୁଖ୍ୟ ବିଚାରପତି କିଏ? ଆଲୋଚନା କରି ଲେଖ ।

ମାତ୍ର ଅଧ୍ୟାପକ କେ.ସି.ହୋୟାରଙ୍କ ମତରେ, ଭାରତ ଏକ ସଂଘୀୟ ରାଷ୍ଟ୍ର ହୋଇଥିଲେ ମଧ୍ୟ ସମ୍ବିଧାନରେ କେନ୍ଦ୍ର ସରକାର ଅଧିକ କ୍ଷମତାଶାଳୀ ହୋଇଅଛନ୍ତି। ସେହି କାରଣରୁ ଏହାକୁ ଅର୍ଦ୍ଧସଂଘୀୟ (*Quasi-Federation*) ବୋଲି ଆଖ୍ୟା ଦେଇଛନ୍ତି।

**ତୁମେ ଜାଣିଛ କି ?**

ଆମ ସମ୍ବିଧାନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଇଂଲଣ୍ଡର ଐକିକ, ସଂସଦୀୟ ଗଣତନ୍ତ୍ର ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ସଂଘୀୟ ରାଷ୍ଟ୍ର ସମ୍ବିଧାନର ସମ୍ମିଶ୍ରଣ।

ଯୁକ୍ତରାଷ୍ଟ୍ର ଆମେରିକା ପରି ଆମ ଦେଶରେ ରାଷ୍ଟ୍ର ସଂଘୀୟ ବ୍ୟବସ୍ଥା ରହିଥିଲେ ମଧ୍ୟ ବ୍ରିଟେନ ଭଳି କେତେକ ଐକିକ ବ୍ୟବସ୍ଥା ଦେଖିବାକୁ ମିଳେ ।

ଗୋଟିଏ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ହୋଇଥିଲେ ମଧ୍ୟ ନିମ୍ନଲିଖିତ କାରଣ ସକାଶେ ଭାରତରେ ସଂଘୀୟ ରାଷ୍ଟ୍ରକୁ ସମ୍ବିଧାନବିତ୍‌ମାନେ କେନ୍ଦ୍ରାଭିମୁଖୀ ସଂଘୀୟ ବ୍ୟବସ୍ଥା ନାମରେ ଅଭିହିତ କରିଛନ୍ତି।

୧) କେନ୍ଦ୍ର ସରକାର ମଧ୍ୟରେ କ୍ଷମତା ବଣ୍ଟନରେ ରାଜ୍ୟମାନଙ୍କୁ ରାଜ୍ୟ ତାଲିକାଭୁକ୍ତ ବିଷୟ ବସ୍ତୁ ଉପରେ ଆଇନ ପ୍ରଣୟନ କରିବା ପାଇଁ କ୍ଷମତା ଦିଆଯାଇଥିଲେ ମଧ୍ୟ ଜରୁରୀ ପରିସ୍ଥିତି ସମୟରେ କେନ୍ଦ୍ର ସରକାର ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିପାରିବେ ।

୨) ରାଜ୍ୟପାଳ ମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇ ପ୍ରତ୍ୟେକ ରାଜ୍ୟରେ କେନ୍ଦ୍ରର ପ୍ରତିନିଧି ହିସାବରେ କାର୍ଯ୍ୟ କରନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ବାଛନ୍ତି ଏବଂ ଦରକାର ପଡ଼ିଲେ ବରଖାସ୍ତ ମଧ୍ୟ କରନ୍ତି।

୩) ଯୁକ୍ତରାଷ୍ଟ୍ର ଆମେରିକାରେ ରାଜ୍ୟମାନଙ୍କର ନିଜର ସମ୍ବିଧାନ ଥିବା ବେଳେ ଭାରତରେ ଗୋଟିଏ ସମ୍ବିଧାନ କେନ୍ଦ୍ର ଓ ରାଜ୍ୟମାନଙ୍କୁ ନିୟନ୍ତ୍ରଣ କରେ ।

୪) ଯୁକ୍ତରାଷ୍ଟ୍ର ଆମେରିକା ପରି ସଂଘୀୟ ରାଷ୍ଟ୍ରରେ ଦ୍ୱୈତ ନାଗରିକତା ରହିଥିବା ବେଳେ ଭାରତରେ ଜନସାଧାରଣ ଏକ ନାଗରିକତା ଗ୍ରହଣ କରିଥାନ୍ତି। ଆମେ ସମସ୍ତେ କେବଳ ଭାରତୀୟ ନାଗରିକ ଗ୍ରହଣ କରିଥାନ୍ତି।

## ଧର୍ମନିରପେକ୍ଷ ରାଷ୍ଟ୍ର (SECULAR STATE)

ଭାରତର କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରୀୟ ଧର୍ମ ନାହିଁ। ଆମ ଦେଶରେ ବିଭିନ୍ନ ଧର୍ମର ଲୋକ ବାସ କରନ୍ତି ଏବଂ ସେମାନେ ଯେକୌଣସି ଧର୍ମ ଗ୍ରହଣ କରି ଏହାର ପ୍ରଚାର ଏବଂ ପ୍ରସାର କରିପାରିବେ । ଭାରତର ସମ୍ବିଧାନର ମୌଳିକ ଅଧିକାରରେ ୨୫ ଧାରାରୁ ୨୮ ଧାରା ମଧ୍ୟରେ ଧର୍ମଗତ ଅଧିକାର ଦିଆଯାଇଛି । ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନ ଆଇନ ଅନୁସାରେ ସମ୍ବିଧାନର ପ୍ରସ୍ତାବନା (Preamble)ରେ ମଧ୍ଯ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଉଲ୍ଲେଖ କରାଯାଇଅଛି। ରାଷ୍ଟ୍ର କୌଣସି ଧର୍ମର ବିରୋଧାଚରଣ କରେନାହିଁ।



## ମୌଳିକ ଅଧିକାର (FUNDAMENTAL RIGHTS)

ଗୋଟିଏ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକମାନଙ୍କୁ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ କେତେକ ମୌଳିକ ଅଧିକାର ପ୍ରଦାନ କରିଥାଏ। ଭାରତର ସମ୍ବିଧାନର ତୃତୀୟ ପରିଚ୍ଛେଦରେ ୧୨ ଧାରା ଠାରୁ ୩୫ ଧାରା ମଧ୍ୟରେ ୭ ଗୋଟି ମୌଳିକ ଅଧିକାର ପ୍ରଦାନ କରାଯାଇଥିଲା। ମାତ୍ର ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥା ଅନୁସାରେ ୭ ଗୋଟି ଅଧିକାରରୁ ସଂପତ୍ତିଗତ ଅଧିକାରକୁ ମୌଳିକ ଅଧିକାରରୁ ପୃଥକ କରାଯାଇ ଆଇନଗତ ଅଧିକାର ରୂପେ ଅନ୍ତର୍ଭୁକ୍ତ କରାଯାଇଅଛି। ଯାହା ଫଳରେ ଭାରତୀୟ ନାଗରିକମାନେ ବର୍ତ୍ତମାନ ମାତ୍ର ୬ ଗୋଟି ମୌଳିକ ଅଧିକାର ଉପଭୋଗ କରୁଅଛନ୍ତି। ସେଗୁଡ଼ିକ ହେଲା:-

୧) ସମାନତାର ଅଧିକାର (Right to Equality)

୨) ସ୍ୱାଧୀନତା ଅଧିକାର (Right to Freedom)

୩) ଶୋଷଣ ବିରୁଦ୍ଧରେ ଅଧିକାର (Right against Exploitation)

୪) ଧର୍ମଗତ ସ୍ୱାଧୀନତା ଅଧିକାର (Right to Freedom of Religion)

୫) ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (Cultural and Educational Rights)

୬) ସାମ୍ବିଧାନିକ ପ୍ରତିକାର ଅଧିକାର (Right to Constitutional Remedies)

ଉକ୍ତ ମୌଳିକ ଅଧିକାରଗୁଡ଼ିକ ଦେଶର ସ୍ୱାର୍ଥ ଦୃଷ୍ଟିରୁ କେତେକ ସମୟରେ ନିୟନ୍ତ୍ରିତ ହୋଇପାରିବ । ପ୍ରକୃତ ଅର୍ଥରେ ଦେଖିବାକୁ ଗଲେ ଭାରତୀୟ ନାଗରିକମାନେ ପ୍ରଥମ ୫ ଗୋଟି ଅଧିକାର ଉପଭୋଗ କରନ୍ତି ଏବଂ କୌଣସି ପରିସ୍ଥିତିରେ ସରକାର କିମ୍ବା ବ୍ୟକ୍ତି ବିଶେଷ ଯଦି ଉକ୍ତ ଅଧିକାରରେ ହସ୍ତକ୍ଷେପ କରନ୍ତି ତେବେ ସାମ୍ବିଧାନିକ ପ୍ରତିକାର ଅଧିକାର ବଳରେ ଜଣେ ବ୍ୟକ୍ତି ନ୍ୟାୟାଳୟର ଆଶ୍ରୟ ନେଇପାରିବ । ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ନାଗରିକର ଅଧିକାରର ସୁରକ୍ଷା କରିବା ପାଇଁ 'ସାମ୍ବିଧାନିକ ପ୍ରତିକାର ଅଧିକାର' ଜରିଆରେ ବ୍ୟବସ୍ଥା କରାଯାଇଅଛି।

**ତୁମେ ଜାଣିଛ କି ?**

୨୦୦୨ ମସିହାରେ ସମ୍ବିଧାନ ସଂଶୋଧନ କରାଯାଇ ଧାରା ୨୧(କ)ରେ ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ମୌଳିକ ଅଧିକାର ଏକ ଅଂଶ ବୋଲି ଗ୍ରହଣ କରାଯାଇଅଛି ।

ଯଦୁନାଥ ଓ ସୌମିତ୍ର ଦୁଇଜଣ ଦଶମ ଶ୍ରେଣୀର ଛାତ୍ର । ଦୁଇଜଣ ବୋର୍ଡ ଅଧୀନରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ ଏବଂ ଦୁଇଜଣ ପରୀକ୍ଷାରେ ଖୁବ୍ ଭଲ କରିଥିଲେ । ଶିକ୍ଷକଙ୍କ କହିବା ଅନୁସାରେ ଦୁଇଜଣ ଖୁବ୍ ଭଲ ଛାତ୍ର ଏବଂ ଶ୍ରେଣୀ ପରୀକ୍ଷାରେ ସମାନ ନମ୍ବର ରଖନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇଲା ବେଳକୁ ଯଦୁନାଥ ୯୮ ପ୍ରତିଶତ ନମ୍ବର ରଖିଥିବା ବେଳେ ସୌମିତ୍ର ୩୮% ପ୍ରତିଶତ ନମ୍ବର ରଖି ଆଶ୍ଚର୍ଯ୍ୟ ହେଲା ଏବଂ ବିଶେଷ ଦୁଃଖ ପ୍ରକାଶ କଲା। ସୌମିତ୍ର ନ୍ୟାୟ ପାଇବା ପାଇଁ ନ୍ୟାୟାଳୟର ଆଶ୍ରୟ ନେବାକୁ ଚାହିଁଲା। ତେବେ ପ୍ରଶ୍ନ ହେଉଛି ସମ୍ବିଧାନର କେଉଁ ମୌଳିକ ଅଧିକାର ଉଲ୍ଲଙ୍ଘନ ବଳରେ ସେ ନ୍ୟାୟାଳୟର ଆଶ୍ରୟ ନେବ?

ଚଗଲାର ବୟସ ଦଶ ବର୍ଷ। ପିଲା ଦିନରୁ ସେ ବାପା ମା'ଙ୍କୁ ହରାଇଛି। ୟା' ଘରେ ତା' ଘରେ ବୋଲ ହାକ କରି ପେଟ ପୋଷେ ସେ । ବାଟିଖେଳ ଓ ଗୁଡ଼ି ଉଡାଇ ସମୟ ତାର କଟିଯାଏ । ଚାହୁଁ ଚାହୁଁ ତାକୁ ଦଶ ବର୍ଷ ହୋଇଗଲା। ଭୀମସେନଙ୍କର ଭୁବନେଶ୍ୱର ମାଷ୍ଟରକାଣ୍ଟିନ ଛକରେ ଗୋଟିଏ ଛୋଟ ଭୋଜନାଳୟଟିଏ ଅଛି । ଚଗଲାକୁ ଡାକି ନେଇ ତାଙ୍କ ଭୋଜନାଳୟରେ କାମ ଦାମ କରାଇ ଦିଓଳି ଖାଇବାକୁ ଦେଲେ, ସେ ବାସନପତ୍ର ଧୁଆଧୋଇ କରେ, ଟେବୁଲ ପୋଛେ । ଦିନେ ହାକିମ ଯାଇ ଭୀମସେନଙ୍କୁ ଡାକିଆଣି ଦଣ୍ଡ ବିଧାନ କଲେ । ତେବେ ପ୍ରଶ୍ନ ହେଉଛି କେଉଁ ଅପରାଧରେ ଏବଂ କେଉଁ ଅଧିକାରର ଉଲ୍ଲଙ୍ଘନ ଫଳରେ ଭୀମସେନଙ୍କୁ ହାକିମ ଦଣ୍ଡବିଧାନ କଲେ ?

## ରାଷ୍ଟ୍ରର ନିର୍ଦ୍ଦେଶ ମୂଳକ ନୀତି (DIRECTIVE PRINCIPLES OF STATE POLICY)

ଭାରତ ସମ୍ବିଧାନର ଚତୁର୍ଥ ଭାଗରେ ୩୬ ଧାରାରୁ ୫୧ ଧାରା ମଧ୍ୟରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ମାଧ୍ୟମରେ ନାଗରିକମାନଙ୍କୁ ସାମାଜିକ ଓ ଆର୍ଥିକ ଅଧିକାର ପ୍ରଦାନ କରାଯାଇଅଛି। ଉକ୍ତ ନିର୍ଦ୍ଦେଶମୂଳକ ନୀତିକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଅଛି ।

ଯଥା – ୧) ସମାଜବାଦୀ ନୀତି
୨) ଉଦାରବାଦୀ ନୀତି
୩) ଗାନ୍ଧିବାଦୀ ନୀତି

୧) **ସମାଜବାଦୀ ନୀତି:** ସଂପତ୍ତି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ହାତରେ ଠୁଳହୋଇ ନ ରହି ସଂପତ୍ତିର ସୁଷମ ବଣ୍ଟନ କରାଯିବ ।

- ମହିଳା, ପୁରୁଷଙ୍କୁ ସମାନ କାମ ପାଇଁ ସମାନ ମଜୁରୀ ପ୍ରଦାନ କରାଯିବ ।
- ବୃଦ୍ଧ, ରୋଗୀ ଓ ଅକ୍ଷମ ଲୋକମାନଙ୍କ ପାଇଁ ସାହାଯ୍ୟର ବ୍ୟବସ୍ଥା ରହିବ ।
- ରାଷ୍ଟ୍ର ସମସ୍ତଙ୍କର ବଞ୍ଚି ରହିବାର ମାନ ଉନ୍ନତ କରିବା ସହ ଜନସାଧାରଣଙ୍କର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଦୃଷ୍ଟିଦେବ ।

୨) **ଉଦାରବାଦୀ ନୀତି :**

- ନ୍ୟାୟପାଳିକାକୁ କାର୍ଯ୍ୟପାଳିକାଠାରୁ ପୃଥକ କରିବା
- ରାଷ୍ଟ୍ରର ସମସ୍ତ ଜନସାଧାରଣଙ୍କ ପାଇଁ ଏକ ପ୍ରକାର ଦେୱାନୀ ଆଇନ ପ୍ରଚଳନ କରିବା
- ଗୁରୁତ୍ୱପୂର୍ଣ୍ଣ ପୀଠଗୁଡ଼ିକର ସୁରକ୍ଷା କରିବା
- ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ଉତ୍ତମ ସଂପର୍କ ସ୍ଥାପନ କରିବା
- ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା କରିବା

**ତୁମେ ଜାଣିଛ କି ?**

ମୌଳିକ ଅଧିକାରଗୁଡ଼ିକ ନାଗରିକମାନଙ୍କୁ ରାଜନୈତିକ ଅଧିକାର ପ୍ରଦାନ କରୁଥିବା ସ୍ଥଳେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସାମାଜିକ ଏବଂ ଆର୍ଥିକ ଅଧିକାର ପ୍ରଦାନ କରୁଅଛି ।

୩) **ଗାନ୍ଧିବାଦୀ ନୀତି :**

- ଗାନ୍ଧିବାଦର କେତେକ ପ୍ରଭାବ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିରେ ପ୍ରତୀୟମାନ ହୁଏ ଯଥା
- ଗ୍ରାମପଞ୍ଚାୟତ ସ୍ଥାପନ
- କୁଟୀର ଶିଳ୍ପର ବିକାଶ
- ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ବିଶେଷଯତ୍ନ
- ଗୋହତ୍ୟା ନିଷେଧ

**ତୁମେ ଜାଣିଛ କି ?**

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଗୋଲକନାଥ ମାମଲାରେ ମୌଳିକ ଅଧିକାରକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ କେଶବାନନ୍ଦ ଭାରତୀ ମାମଲାରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିକୁ ପ୍ରାଧାନ୍ୟ ଦିଆଯାଇଅଛି । ୧୯୭୮ ମସିହା ୪୪ ତମ ସମ୍ବିଧାନ ସଂଶୋଧନ ଜରିଆରେ ମଧ୍ୟ ଉକ୍ତ ନୀତିକୁ ପ୍ରାଧାନ୍ୟ ଦିଆଯାଇଅଛି ।

ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ଭାରତକୁ ଏକ ଜନମଙ୍ଗଳ ତଥା ଆଦର୍ଶ ରାଷ୍ଟ୍ରରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ।

ମୌଳିକ ଅଧିକାରର ସୁରକ୍ଷା ପାଇଁ ନ୍ୟାୟାଳୟର ଆଶ୍ରୟ ନେଇ ହେବ, ମାତ୍ର ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିରେ ବର୍ଣ୍ଣନା କରାଯାଇଥିବା ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ ନ ହେଲେ କୌଣସି ନ୍ୟାୟାଳୟର ଆଶ୍ରୟ ନେଇ ହେବ ନାହିଁ ।

### ନ୍ୟାୟାଳୟର ସ୍ୱାଧୀନତା: (INDEPENDENCE OF JUDICIARY)

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ତଥା ଦେଶର ଜନସାଧାରଣ ସ୍ୱାଧୀନତା ପାଇବା ପାଇଁ ହକଦାର୍ । ମାତ୍ର ସମୟ ସମୟରେ ଉକ୍ତ ସ୍ୱାଧୀନତାରେ ହସ୍ତକ୍ଷେପ ଅଗଣତାନ୍ତ୍ରିକ ଅଟେ । ଭାରତର



ଭାରତର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମ କୋର୍ଟ)

ନାଗରିକମାନେ ମୌଳିକ ଅଧିକାର ଉପଭୋଗ କରନ୍ତି ଏବଂ ସେହି ମୌଳିକ ଅଧିକାର ଗୁଡ଼ିକର ସୁରକ୍ଷା ଦେଶର ବିଚାର ବ୍ୟବସ୍ଥା ଉପରେ ନିର୍ଭର କରେ । ସର୍ବୋପରି ଭାରତ ପରି ଏକ ସଂଘୀୟ ରାଷ୍ଟ୍ରରେ ସମ୍ବିଧାନକୁ ସବୁଠାରୁ ବେଶୀ ଗୁରୁତ୍ୱ ଦିଆଯାଇଅଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟକୁ 'ସମ୍ବିଧାନର ରକ୍ଷକ' ବୋଲି କୁହାଯାଏ। ବିଚାର ବ୍ୟବସ୍ଥାର ସୁପରିଚାଳନା ପାଇଁ ବିଚାର ବ୍ୟବସ୍ଥା କେବଳ ସ୍ୱାଧୀନ ନ ହୋଇ ନିରପେକ୍ଷ ହେବା ଆବଶ୍ୟକ। ସ୍ୱାଧୀନ ବିଚାରବ୍ୟବସ୍ଥା କହିଲେ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାଠାରୁ ସଂପୂର୍ଣ୍ଣ ପୃଥକ ଏବଂ ସ୍ୱାଧୀନ ହେବା ଆବଶ୍ୟକ ।

**ତୁମେ ଜାଣିଛ କି ?**

ଭାରତରେ ବିଚାରପତି ମାନଙ୍କର ନିଯୁକ୍ତି ଓ ବହିଷ୍କାର ପଦ୍ଧତିରେ ସ୍ୱଚ୍ଛତା, ଆକର୍ଷଣୀୟ ଦରମା, ଦୀର୍ଘକାର୍ଯ୍ୟକାଳ, ବିଚାର ବ୍ୟବସ୍ଥାର ସ୍ୱାଧୀନତାରେ ବିଶେଷ ସହାୟକ ହୋଇଥାଏ ।

ଭାରତର ଉଚ୍ଚ ନ୍ୟାୟାଳୟ (High Court)ର ବିଚାର ପତି ମାନେ ୬୨ ବର୍ଷରେ ଏବଂ ସର୍ବୋଚ୍ଚ ନ୍ୟାୟଳୟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି।

## ସାର୍ବଜନୀନ ସାବାଳକ ଭୋଟ ପ୍ରଥା (UNIVERSAL ADULT FRANCHISE)



ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାବାଳକମାନଙ୍କର ଭୋଟ ଦେବାର ଅଧିକାର ରହିଥାଏ। ସମ୍ବିଧାନର ୩୨୬ ଧାରା ଅନୁସାରେ ଭୋଟଦାତାର ବୟସ ୨୧ ବର୍ଷ ଥିଲା। ମାତ୍ର ଏହାକୁ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ୧୮ ବର୍ଷ ରଖାଯାଇଛି ।

## ଏକକ ନାଗରିକତା (SINGLE CITIZENSHIP)

ଭାରତରେ ବସବାସ କରୁଥିବା ସମସ୍ତ ଜନସାଧାରଣ କେବଳ ଭାରତର ନାଗରିକ ହିସାବରେ ଗଣା ହୁଅନ୍ତି। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ପରି ସଂଘୀୟ ରାଷ୍ଟ୍ରରେ ବସବାସ କରୁଥିବା ଜନସାଧାରଣ ପ୍ରଥମେ ଯେଉଁ ରାଜ୍ୟରେ ବାସ କରନ୍ତି ସେ ରାଜ୍ୟର ନାଗରିକ ଏବଂ ତା ସହିତ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକ ହୋଇଥାଆନ୍ତି।

ଭାରତ ଯୁକ୍ତରାଷ୍ଟ୍ର ଆମେରିକା ପରି ଏକ ସଂଘୀୟ ରାଷ୍ଟ୍ର ହେଲେ ମଧ୍ୟ ରାଜ୍ୟରେ ବାସ କରୁଥିବା ଅଧିବାସୀ ସେ ରାଜ୍ୟର ନାଗରିକ ହୁଅନ୍ତି ନାହିଁ ମାତ୍ର ସମସ୍ତେ ଭାରତୀୟ ନାଗରିକ।

- ତୁମ ନିଜ ଅଂଚଳରେ କେଉଁ କେଉଁ ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବ ସେଥିରୁ ତିନି ଗୋଟିର ଉଦାହରଣ ଦିଅ ?
- ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ବ୍ୟତୀତ ସମ୍ବିଧାନର ଅନ୍ୟ କୌଣସି ସ୍ଥାନରେ ଏହାର ବିଶେଷତ୍ୱ ବିଷୟରେ ଉଲ୍ଲେଖ କରାଯାଇ ଅଛି କି?
- ୨୬ ନଭେମ୍ବର ୨୦୦୮ ମସିହାରେ ପଡୋଶୀ ଦେଶର କେତେକ ଆତଙ୍କବାଦୀ ମୁମ୍ବାଇ ସହର ସମୁଦ୍ରକୂଳରେ ଅବସ୍ଥିତ ଥିବା ତାଜ ହୋଟେଲ, ଛତ୍ରପତି ଶିବାଜୀ ରେଳ ଷ୍ଟେସନରେ ଉପସ୍ଥିତ ରହି ଆଖିବୁଜା ଗୁଳିଚାଳନା କରିବା ସମୟରେ କିଛି ନିରୀହ ଜନସାଧାରଣ ମୃତ୍ୟୁବରଣ କଲେ ।ଏଭଳି ନାରକୀୟ ଏବଂ ହୃଦୟ ବିଦାରକ ଘଟଣା ପରେ ମଧ୍ୟ ଆମ୍ଭେ ଭାରତବାସୀ ପଡୋଶୀ ଦେଶ ସହିତ ବନ୍ଧୁତା ସ୍ଥାପନ କରିବା ପାଇଁ ଆଗ୍ରହୀ। ଉକ୍ତ ବନ୍ଧୁତା ସ୍ଥାପନ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିର କେଉଁ ବିଭାଗରେ ଅନ୍ତର୍ଭୁକ୍ତ ଅଟେ?

## ମୌଳିକ କର୍ତ୍ତବ୍ୟ (Fundamental Duties)

ଭାରତୀୟ ନାଗରିକମାନେ ୧୯୭୬ ମସିହାଠାରୁ ଦଶ ଗୋଟି ମୌଳିକ କର୍ତ୍ତବ୍ୟ ଉପଭୋଗ କରି ଆସୁଛନ୍ତି। ମାତ୍ର ବର୍ତ୍ତମାନ ଭାରତର ନାଗରିକମାନଙ୍କର ୧୧ଗୋଟି ମୌଳିକ କର୍ତ୍ତବ୍ୟ ରହିଅଛି।

୫୧ (କ) ଧାରାରେ ସମ୍ବିଧାନ, ଜାତୀୟ ପତାକା ଏବଂ ଜାତୀୟ ସଂହତିକୁ ସମ୍ମାନ ଦେବା, ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତା ବଜାୟ ରଖିବା, ଭାରତୀୟ ସଂସ୍କୃତିର ସୁରକ୍ଷା କରିବା, ପ୍ରାକୃତିକ ପରିବେଶର ସୁରକ୍ଷା, ମାନବିକତା ଓ ବୈଜ୍ଞାନିକ ମନୋବୃତ୍ତି, ଜାତୀୟ ସଂପତ୍ତିର ସୁରକ୍ଷା ଆଦି ମୌଳିକ କର୍ତ୍ତବ୍ୟରେ ସ୍ଥାନ ପାଇଅଛି ଏବଂ ପରିଶେଷରେ ୨୦୦୨ ମସିହାରେ ଯେଉଁ କର୍ତ୍ତବ୍ୟଟି ସ୍ଥାନ ପାଇଲା ତାହା ବର୍ତ୍ତମାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କର ଶିକ୍ଷାଦାନ ଅଭିଭାବକଙ୍କର ମୌଳିକ କର୍ତ୍ତବ୍ୟ ।

### ତୁମେ ଜାଣିଛ କି ?

୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ବିଧାନର ୫୧(କ) ଧାରାରେ ୧୦ ଗୋଟି ମୌଳିକ କର୍ତ୍ତବ୍ୟ ଗୁଡ଼ିକ ସ୍ଥାନ ପାଇଅଛି।

୨୦୦୨ ମସିହା ୮୬ତମ ସମ୍ବିଧାନ ସଂଶୋଧନ ଦ୍ୱାରା ଆହୁରି ଗୋଟିଏ ମୌଳିକ କର୍ତ୍ତବ୍ୟ ଯୋଗ କରାଯାଇ ୧୧ଟି ମୌଳିକ କର୍ତ୍ତବ୍ୟ ହୋଇଅଛି।

### ଆମେ କ'ଣ ଶିଖିଲେ ?

- ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ ।
- ଭାରତ ସମ୍ବିଧାନରେ ପ୍ରସ୍ତାବନା ୧୯୭୩ ମସିହାଠାରୁ ସମ୍ବିଧାନର ଏକ ଅଂଶ ବୋଲି ଗ୍ରହଣ କରାଯାଉଅଛି।
- ଭାରତର ସମ୍ବିଧାନ,ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ପ୍ରସ୍ତୁତ ହୋଇଅଛି।
- ଭାରତ ସମ୍ବିଧାନ ଏକ ଲିଖିତ ସମ୍ବିଧାନ ।
- ଭାରତ ସମ୍ବିଧାନ ନମନୀୟ ଓ ଅନମନୀୟ ସମ୍ବିଧାନର ମିଶ୍ରଣ ।
- ଭାରତରେ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ।
- ଭାରତ ଏକ ସଂଘୀୟରାଷ୍ଟ୍ର ହୋଇଥିଲେ ମଧ୍ୟ ଐକିକ ରାଷ୍ଟ୍ରର କେତେକ ଗୁଣାବଳୀ ଭାରତ ଶାସନରେ ପରିଲକ୍ଷିତ ହୁଏ ।
- ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ।
- ଭାରତୀୟ ନାଗରିକମାନଙ୍କର ୬ଗୋଟି ମୌଳିକ ଅଧିକାର ଅଛି।
- ସମ୍ବିଧାନର ୪ର୍ଥ ଭାଗରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ପ୍ରଦାନ କରାଯାଇଅଛି।
- ଭାରତରେ ନ୍ୟାୟିକ ବ୍ୟବସ୍ଥା ସ୍ୱାଧୀନ ଅଟେ ।
- ଭାରତରେ ୧୮ ବର୍ଷରେ ପଦାର୍ପଣ କରିଥିବା ନାଗରିକମାନଙ୍କର ଭୋଟଦାନ ଅଧିକାର ଅଛି।
- ନାଗରିକମାନଙ୍କର ଭାରତ ବର୍ଷରେ ଦେଶ ପ୍ରତି କେତେକ କର୍ତ୍ତବ୍ୟ ରହିଅଛି।

# ପ୍ରଶ୍ନାବଳୀ

୧. ଭାରତର ସମ୍ବିଧାନରେ ପ୍ରସ୍ତାବନା କାହିଁକି ସ୍ଥାନ ପାଇଅଛି ?

୨. ଭାରତ ସମ୍ବିଧାନ ଏକ ଲିଖିତ ସମ୍ବିଧାନ ହେଲେ ମଧ୍ୟ ସମ୍ବିଧାନରେ ଥିବା ଦୁଇଗୋଟି ଅଲିଖିତ ବିଷୟବସ୍ତୁର ଉଦାହରଣ ଲେଖ ।

୩. ଭାରତର ସମ୍ବିଧାନରେ କେତେକ ଅଂଶ ନମନୀୟ– ଏହାର ୩ଗୋଟି ଉଦାହରଣ ଦିଅ ।

୪. ଭାରତକୁ କାହିଁକି ସଂଘୀୟ ରାଷ୍ଟ୍ର କୁହାଯାଏ ? ଏହାର ତିନିଗୋଟି ମୁଖ୍ୟ ବୈଶିଷ୍ଟ୍ୟ ଲେଖ ।

୫. ଭାରତକୁ କାହିଁକି ଏକ ଧର୍ମନିରପେକ୍ଷ ରାଷ୍ଟ୍ର କୁହାଯାଏ ? ଧର୍ମ ନିରପେକ୍ଷ ହୋଇ ନ ଥିବା ଏକ ରାଷ୍ଟ୍ରର ନାମ ଲେଖ ।

୬. ସାମ୍ବିଧାନିକ ପ୍ରତିକାର ଅଧିକାର କଣ ? ୩ ଧାଡ଼ିରେ ବୁଝାଇ ଲେଖ ।

୭. ଏକକ ନାଗରିକତା କହିଲେ କଣ ବୁଝ ? ପୃଥିବୀର କେଉଁ ରାଷ୍ଟ୍ରରେ ଏକାଧିକ ନାଗରିକତା ଅଛି ?

**ଉତ୍ତର ଦିଅ ।**

୮. ଭାରତ ସମ୍ବିଧାନର ପିତା କାହାଙ୍କୁ କୁହାଯାଏ ?

୯. ଏକ ଧର୍ମଭିତ୍ତିକ ରାଷ୍ଟ୍ରର ଉଦାହରଣ ଦିଅ ?

୧୦. ୧୯୭୬ ମସିହାଠାରୁ କେଉଁ ସବୁ ଶବ୍ଦ ସମ୍ବିଧାନର ପ୍ରସ୍ତାବନାରେ ଯୋଗ କରାଗଲା ?

୧୧. ଭାରତ ସଂଘୀୟରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ହେଲେ କିଏ ସମାଧାନ କରନ୍ତି ?

୧୨. ଭାରତୀୟ ସଂସ୍କୃତିର ସୁରକ୍ଷା କରିବାର ଦାୟିତ୍ୱ ସମ୍ବିଧାନର କେଉଁ ଧାର ରେ ସ୍ଥାନ ପାଇଅଛି ?